# ଥାଇଲାଣ୍ଡରୁ ଶିକ୍ଷା (୧)

## କୁତ୍ସିତ ଭାରତୀୟ ମନ

ଥାଇଲାଣ୍ଡ କଥା ପଡିଲେ ଅନେକ ଭାରତୀୟ ଘୃଣାରେ ନାକ ଟେକନ୍ତି, ସେମାନଙ୍କ ଭିତରେ ଉଭୟ ଥାଇଲାଣ୍ଡକୁ ଦେଖିବା ଲୋକ ଅଛନ୍ତି, ପୁଣି ଥାଇଲାଣ୍ଡ ନଯାଇ କାନକୁହା କଥାରେ ବିଶ୍ୱାସ କରିବା ଲୋକ ଅଛନ୍ତି । ସେମାନେ ସମସ୍ୱରରେ ଗୋଟିଏ କଥା କହିଥାନ୍ତି- ଥାଇଲାଣ୍ଡର ରାସ୍ତାଘାଟ, ହାଟବଜାର ଓ ହୋଟେଲ୍-ବାର୍ ଇତ୍ୟାଦି ସମସ୍ତ ସର୍ବସାଧାରଣ ସ୍ଥାନରେ ଝିଅମାନେ ଅର୍ଦ୍ଧନଗ୍ନ ବେଶଭୂଷାରେ, କାମୋଦ୍ଦୀପକ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରି ପୁରୁଷଯାତ୍ରୀମାନଙ୍କୁ ପ୍ରଲୁବ୍ଧ କରିଥାନ୍ତି, ଏବଂ ସେମାନଙ୍କର ଅଙ୍ଗମର୍ଦ୍ଦନ କରିବା ସହିତ ସହଚରୀ ସାଜି ଯାବତୀୟ ଯୌନସୁଖ ଦେଇଥାନ୍ତି ଏବଂ ଏହିସବୁ 'ଅଶ୍ଳୀଳ କାରବାର' ବା ଅବାଧ ବେଶ୍ୟାବୃତ୍ତି ଜରିଆରେ ସେମାନେ ପର୍ଯ୍ୟଟକମାନଙ୍କ ଠାରୁ ବେଶ୍ ପଇସା ଲୁଟି ନେଇଥାନ୍ତି । ପୁଣି ସେମାନେ ନାକ ଟେକିବାର ଆଉ ଗୋଟିଏ କାରଣ- ଥାଇଲାଣ୍ଡ ଲୋକେ ଗୋରୁ, ଘୁଷୁରି, କୁକୁର, ସାପ, ଗେଣ୍ଡା, ଶାମୁକା, ଝିଟିପିଟି, ଅସରପା ଓ ବିଛା ଇତ୍ୟାଦି ଯାବତୀୟ ଜୀବଜନ୍ତୁର ମାଂସ ଭକ୍ଷଣ କରିଥାନ୍ତି ଏବଂ ଦରସିଝା ପନିପରିବା ଖାଇଥାନ୍ତି । କିନ୍ତୁ ଏକ ବିଡମ୍ବନାର ବିଷୟ, ଯେଉଁ ଭାରତୀୟମାନେ ଥାଇଲାଣ୍ଡ ଦେଖି ସେ ଦେଶ ବିଷୟରେ ଏପରି ଅପ୍ରିୟ କଥା ପ୍ରଚାର କରିଥାନ୍ତି, ସେମାନେ ପୁଣି ବାରମ୍ବାର ଥାଇଲାଣ୍ଡ ଯିବାପାଇଁ ନିଜେ ମନ ବଳାଇଥାନ୍ତି ଓ ନିଜନିଜ ସାଙ୍ଗସାଥୀଙ୍କୁ ମତାଇଥାନ୍ତି । ଏହି ଲେଖକ ନିକଟରେ, ଅର୍ଥାତ୍ ସେପ୍ଟେମ୍ବର ୨୬ରୁ ଅକ୍ଟୋବର ୧ରେ ନିଜ ସବାସାନ ଭଉଣୀର ପରିବାର ସହିତ ପାଞ୍ଚଦିନିଆ ଥାଇଲାଣ୍ଡ ଗସ୍ତ ସମୟରେ ଲକ୍ଷ୍ୟ କରିଛି, ଯୁଆଡେ ଚାହିଁବ ଦଳଦଳ ଭାରତୀୟ ପର୍ଯ୍ୟଟକ ସେଠିକାର ହାଟବଜାର, ହୋଟେଲ୍, ବାର୍, ଥିଏଟର୍, ସମୁଦ୍ରକୂଳ ଓ ସମସ୍ତ ମନୋରଞ୍ଜନ କେନ୍ଦ୍ରମାନଙ୍କରେ ବେଶ୍ ଭିଡ ଜମାଇଛନ୍ତି । ଅଧିକ ବିସ୍ମୟର କଥା, ସାରାରାତି ନଗ୍ନ ନୃତ୍ୟ, ମଦ୍ୟପାନ, ଅଙ୍ଗମର୍ଦ୍ଦନ ଓ ଉନ୍ମୁକ୍ତ ଯୌନଚର୍ଚ୍ଚା ପାଇଁ ଥାଇଲାଣ୍ଡର ପଟାୟା ସମୁଦ୍ରତଟର ଯେଉଁ 'ୱାକିଂ ଷ୍ଟ୍ରୀଟ୍' (ପଥଚାରୀ ସଡକ) ସାରା ବିଶ୍ୱରେ ସୁପ୍ରସିଦ୍ଧ, ସେଠାରେ ଆମେ ଭାରତର ଓଡିଶା ସମେତ ବିଭିନ୍ନ ପ୍ରଦେଶରୁ ଯାଇଥିବା ବହୁସଂଖ୍ୟକ ପର୍ଯ୍ୟଟକମାନଙ୍କୁ ମନଭରି ମଜା ଲୁଟୁଥିବାର ଲକ୍ଷ୍ୟ କରିଥିଲୁ । କହିବାକୁ ଗଲେ, ସମୁଦାୟ ବିଦେଶୀ ପର୍ଯ୍ୟଟକଙ୍କ ଭିତରେ କେବଳ ଭାରତୀୟମାନଙ୍କ ସଂଖ୍ୟା ଥିଲା ସବୁଠୁଁ ବେଶୀ । ସେମାନଙ୍କର ମନୋରଞ୍ଜନ କରୁଥିବା ମହିଳାମାନଙ୍କୁ ସେମାନେ ଯେପରି ଅକୁଣ୍ଠିତ ଓ ଉଲ୍ଲସିତ ମନରେ ଶହଶହ ବାହତ୍ (ଥାଇଲାଣ୍ଡର ମୁଦ୍ରା, ବାହତ୍ ଯାହାକି ପ୍ରାୟ ଭାରତର ୧ଟଙ୍କା ୭୦ପଇସା) ବାଣ୍ଟି ଚାଲୁଥାନ୍ତି, ସେଥିରୁ ମନେହେବନି ଯେ, ଏହି ଭାରତୀୟମାନେ ପରବର୍ତ୍ତୀ ସମୟରେ ଥାଇଲାଣ୍ଡ ସମ୍ବନ୍ଧରେ ଠିକ୍ ଓଲଟା, କୁତ୍ସିତ ମନ୍ତବ୍ୟ ଦେବେ । ସୁତରାଂ ଆମ ପାଇଁ ଥାଇଲାଣ୍ଡ୍ ଯେତେ ବିସ୍ମୟକର ଥିଲା, ତା' ଠାରୁ ବେଶ୍ ଅଧିକ ବିସ୍ମୟକର ଥିଲା ଭାରତୀୟ ପର୍ଯ୍ୟଟକମାନଙ୍କର ଦ୍ୱୈତ ଚରିତ୍ର ।

## ଚତୁର୍ଦ୍ଦିଗରେ ମହିଳା ରାଜ୍

ଯେ କେହି ବ୍ୟକ୍ତି ନିଜ ଆଖିରେ ଦେଖିପାରିବେ ଯେ, କେବଳ ପର୍ଯ୍ୟଟକମାନଙ୍କ ମନୋରଞ୍ଜନ ଶିଳ୍ପ ନୁହେଁ, ସୁବର୍ଣ୍ଣଭୂମି ବିମାନଘାଟୀ ହେଉ ବା ସ୍କାଏ ଟ୍ରେନ୍, ଆଲ୍‌କାଜର ଥିଏଟର୍ ହେଉ ଅବା ବାୟୋକେ ଟାୱାର୍, ଇନ୍ଦ୍ର ମାର୍କେଟ୍ ହେଉ ବା କୋରାଲ୍ ଆଇଲ୍ୟାଣ୍ଡ, ସ୍କୁବା ଡାଇଭିଂ ହେଉ ବା ପାରା ସେଲିଂ, ଫ୍ଲୋଟିଙ୍ଗ ମାର୍କେଟ୍ ହେଉ ବା ଓସନ୍ ୱାର୍ଲଡ୍, କୃଷିକ୍ଷେତ ହେଉ ବା ଶିଳ୍ପସଂସ୍ଥା, ଶିକ୍ଷାନୁଷ୍ଠାନ ହେଉ ବା ସ୍ୱାସ୍ଥ୍ୟକେନ୍ଦ୍ର, ଥାଇଲାଣ୍ଡରେ ସବୁଠିଁ ମହିଳା କର୍ମୀ ଓ ପରିଚାଳକମାନଙ୍କର ପ୍ରାଧାନ୍ୟ ରହିଛି । ରାସ୍ତାରେ ଚାଲିଚାଲି ଗଲାବେଳେ ଆମେ ଦେଖିପାରିଲୁ, ସେଠାରେ ବୁଲାବିକାଳୀଙ୍କ ଭିତରେ ଅଧିକାଂଶ ହେଉଛନ୍ତି ମହିଳା, ଯେଉଁମାନେ କି ମଧ୍ୟରାତ୍ରୀ ପର୍ଯ୍ୟନ୍ତ ଠେଲାଗାଡି ଧରି ନିର୍ଭୟରେ ଦେଶୀବିଦେଶୀ ଗ୍ରାହକମାନଙ୍କୁ ସଦ୍ୟପ୍ରସ୍ତୁତ ଖାଦ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରୀ କରି ଚାଲିଛନ୍ତି, ଅଥଚ କୌଣସି ସ୍ଥାନରେ କିଛି ଆଇନ୍‌ଶୃଙ୍ଖଳା ସମସ୍ୟା ଦେଖାଦେଉନି । ଆମେ ସମସ୍ତେ ଜାଣୁ, ଅଳ୍ପ କେତେକ ସ୍ଥାନକୁ ଛାଡିଦେଲେ ଭାରତର ରାଜଧାନୀ ଦିଲ୍ଲୀ ସମେତ ସବୁଠିଁ ରାତିରେ ମହିଳାମାନଙ୍କର ପଦାକୁ ବାହାରିବା ଉପରେ ଯେଉଁ କଟକଣା ଥାଏ, ତାହାର ଚିହ୍ନବର୍ଣ୍ଣ ଆମେ ଜନଗହଳ ବ୍ୟାଙ୍କକ୍ ମହାନଗରରେ କିମ୍ବା ପଟାୟା ସହରରେ ଦେଖିବାକୁ ପାଇନାହୁଁ । ଏହାଛଡା, ଭାରତର ପୁରୁଷପ୍ରଧାନ ଜନଜୀବନରେ ମହିଳାମାନଙ୍କ ପ୍ରତି ରାସ୍ତାଘାଟ ଓ ସହରବଜାରରେ ଯେଉଁ ଅଶ୍ଳୀଳ ମନ୍ତବ୍ୟ ଓ ହଇରାଣ-ହରକତ ଲକ୍ଷ୍ୟ କରାଯାଇଥାଏ, ତାହା ଥାଇଲାଣ୍ଡରେ ଆମକୁ କେଉଁଠି ହେଲେ ଦୃଷ୍ଟିଗୋଚର ହୋଇନାହିଁ । ଏହାଛଡା ଏହା ଜଣାଶୁଣା କଥା ଯେ, ସାଧାରଣ ଭାରତୀୟମାନେ ନିଜ ଦେଶରେ ସୁଯୋଗ ପାଇଲେ ମହିଳା, ଓ ବିଶେଷ କରି ଗରୀବ ଓ ଦୁର୍ବଳ ଶ୍ରେଣୀର ମହିଳାମାନଙ୍କ ସହ ଦୁର୍ବ୍ୟବହାର କରିବାକୁ ପଛାନ୍ତି ନାହିଁ, କିନ୍ତୁ ଆମେ ଦେଖିଲୁ, ଥାଇଲାଣ୍ଡକୁ ବ୍ୟବସାୟ ବା ପର୍ଯ୍ୟଟନ ପାଇଁ ଯେଉଁ ଭାରତୀୟମାନେ ଯାଉଛନ୍ତି, ସେଠିକାର ପରିବେଶ ଯେତେ ଖୋଲାମେଲା ହୋଇଥାଉନା କାହିଁକି, ସେମାନେ ସୁନାପିଲା ଭଳି ଥାଇ-ମହିଳାଙ୍କ ସହ ବେଶ୍ ମର୍ଯ୍ୟାଦାର ସହିତ କାରବାର କରିଥାନ୍ତି । ଏହା ମଧ୍ୟ ଥିଲା ଆମ ପାଇଁ ଆଉ ଏକ ବିସ୍ମୟ ।

## ସବଳୀକୃତ ଥାଇ ମହିଳା

ଭାରତରେ ନାରୀ ସଶକ୍ତୀକରଣ ନାଁରେ ନେତାମାନେ ଅଜସ୍ର ଭାଷଣ ଦେଇଥାନ୍ତି ଏବଂ ବିପୁଳ ଅର୍ଥବ୍ୟୟରେ ଅସଂଖ୍ୟ ଯୋଜନା ଚାଲୁ କରାଯାଇଥାଏ, କିନ୍ତୁ ସେସବୁର ବାସ୍ତବ ପରିଣତି କେତେ ଯେ ନୈରାଶ୍ୟଜନକ, ତାହା ଆମେ ଥାଇଲାଣ୍ଡ ଗସ୍ତ ବେଳେ ମର୍ମେ ମର୍ମେ ଅନୁଭବ କରୁଥିଲୁ । ଥାଇଲାଣ୍ଡର ସରକାରୀ ପରିସଂଖ୍ୟାନ ଅନୁଯାୟୀ ୧ ଜୁଲାଇ ୨୦୦୮ରେ ଏହାର ସମଗ୍ର ଜନସଂଖ୍ୟା ୬ କୋଟି ୩୧ ଲକ୍ଷ ଭିତରୁ ମହିଳା ଥିଲେ ୩କୋଟି ୨୦ ଲକ୍ଷ, ଏବଂ ପୁରୁଷ ୩କୋଟି ୧୧ଲକ୍ଷ, ଅର୍ଥାତ୍ ମହିଳାଙ୍କ ସଂଖ୍ୟା ପୁରୁଷଙ୍କ ଠାରୁ ୯ଲକ୍ଷ ଅଧିକ ଏବଂ ଲିଙ୍ଗ ଅନୁପାତ ହିସାବରେ ୧୦୦ଜଣ ମହିଳା ଥିବା ବେଳେ ପୁରୁଷ ଅଛନ୍ତି ମାତ୍ର ୯୭.୨ଜଣ । କିନ୍ତୁ ଭାରତରେ ୨୦୦୧ ଜନଗଣନା ଅନୁଯାୟୀ ଲିଙ୍ଗ ଅନୁପାତ ହେଉଛି, ୧୦୦୦ ପୁରୁଷକୁ ମହିଳା ହେଉଛନ୍ତି ମାତ୍ର ୯୩୩ । ପୁଣି ଭାରତରେ ନାରୀ-ପୁରୁଷ ଲିଙ୍ଗ ଅନୁପାତରେ କ୍ରମାନ୍ୱୟିକ ଅଧୋଗତି ମଧ୍ୟ ଅତ୍ୟନ୍ତ ଉଦ୍‌ବେଗଜନକ । ଦୃଷ୍ଟାନ୍ତ ସ୍ୱରୂପ, ସରକାରୀ ପରିସଂଖ୍ୟାନ ଅନୁଯାୟୀ, ୧୯୯୧ରେ ଭାରତରେ ୦-୬ ବର୍ଷର ଶିଶୁମାନଙ୍କ ଭିତରେ ୧୦୦୦ ପୁଅ ଥିବା ବେଳେ ଝିଅ ଥିଲେ ୯୪୫, ଯାହାକି ୨୦୦୧ ଜନଗଣନା ବେଳକୁ ୯୨୭କୁ ଖସି ଆସିଛି । ୟୁନିସେଫ୍ ସୂତ୍ର ଅନୁଯାୟୀ ୨୦୦୮ରେ ଭାରତରେ ୧୦୦୦ ଶିଶୁ ଭିତରୁ ୫୭ଟି ଜନ୍ମବେଳେ ଏବଂ ୪୩ଜଣଙ୍କର ଜନ୍ମ ପରେ ପରେ ମୃତ୍ୟୁ ଘଟୁଛି, କିନ୍ତୁ ଥାଇଲାଣ୍ଡର ସରକାରୀ ସୂତ୍ର ଅନୁଯାୟୀ, ୨୦୦୮ରେ ଏକ ହଜାର ଶିଶୁଜନ୍ମ ଭିତରୁ ସେଠାରେ ମାତ୍ର ୧୫.୨ଟି ମୃତ୍ୟୁ ଘଟିଥିଲା । ୨୦୦୭ ହିସାବ ଅନୁଯାୟୀ ଥାଇଲାଣ୍ଡରେ ୧୦୦୦ ଜଣ ପାଞ୍ଚବର୍ଷରୁ କମ୍ ପୁଅଙ୍କ ଭିତରୁ

୧୧.୦୬ ଜଣ ମୃତ୍ୟୁମୁଖରେ ପଡୁଥିବା ବେଳେ ଝିଅଙ୍କ କ୍ଷେତ୍ରରେ ଏହି ହାର ମାତ୍ର ୮.୯୦, କିନ୍ତୁ ଭାରତରେ ଆମେ ଏକ ବିପରୀତ ଚିତ୍ର ଦେଖୁଁ , ଯଥା ୦-୪ ବର୍ଷର ୧୦୦୦ଶିଶୁଙ୍କ ଭିତରୁ ୧୬.୬ ଜଣ ପୁଅ ମୃତ୍ୟୁ ମୁଖରେ ପଡୁଥିବା ବେଳେ ଝିଅଙ୍କ ସଂଖ୍ୟା ୧୭.୫ । ପୁଣି ଜନନୀ ମୃତ୍ୟୁ ରୋକିବା କ୍ଷେତ୍ରରେ ଥାଇଲାଣ୍ଡ ଭାରତ ଠାରୁ ବହୁତ ଆଗରେ ଅଛି । ଥାଇଲାଣ୍ଡରେ ୨୦୦୬ରେ ଏକଲକ୍ଷ ଜନନୀଙ୍କ ଭିତରୁ ମାତ୍ର ୧୮.୧ଜଣ ମୃତ୍ୟୁମୁଖରେ ପଡୁଥିବା ବେଳେ ଭାରତରେ ୧ଲକ୍ଷ ଜନନୀଙ୍କ ଭିତରୁ ୪୫୦ଜଣ ମୃତ୍ୟୁ ମୁଖରେ ପଡୁଛନ୍ତି । ସାକ୍ଷରତା କ୍ଷେତ୍ରରେ ଭାରତ ତୁଳନାରେ ଥାଇଲାଣ୍ଡ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି; ୨୦୦୫ ହିସାବ ଅନୁଯାୟୀ ଥାଇଲାଣ୍ଡରେ ପନ୍ଦର ଓ ତଦୁର୍ଦ୍ଧ୍ୱ ବୟସର ମୋଟ ଜନସଂଖ୍ୟାର ଶତକଡା ୯୩.୫ ଜଣ ସାକ୍ଷର ହୋଇପାରିଛନ୍ତି, ଯଦିଓ ଶତକଡା ୯୬ଜଣ ପୁରୁଷ ସାକ୍ଷର ହୋଇ ପାରିଥିବା ବେଳେ ମହିଳାଙ୍କ ଭିତରେ ଏହି ସଂଖ୍ୟା ଶତକଡା ୯୦.୬ ଜଣ । କିନ୍ତୁ ୨୦୦୮ ଜାନୁଆରୀରେ ଏନ୍.ଏସ୍.ଏସ୍.ଓ. ତରଫରୁ ଅନୁଷ୍ଠିତ ଏକ ସରକାରୀ ସର୍ବେକ୍ଷଣ ଅନୁଯାୟୀ ଭାରତରେ ସମୁଦାୟ ଜନସଂଖ୍ୟାର ମାତ୍ର ଶତକଡା ୬୫.୩୮ଜଣ ସାକ୍ଷର ହୋଇପାରିଛନ୍ତି, ଏବଂ ପୁଣି ସାକ୍ଷରତା ହାରରେ ସୁଦୃଶ୍ୟ ଲିଙ୍ଗଗତ ତାରତମ୍ୟ ମଧ୍ୟ ରହିଛି, ଯଥା ମୋଟ୍ ୧୦୦୦ ପୁରୁଷଙ୍କ ଭିତରେ ୬୫୬ ଜଣ ସାକ୍ଷର ଥିବା ବେଳେ ୧୦୦୦ ମହିଳାଙ୍କ ଭିତରେ ମାତ୍ର ୪୬୭ଜଣ ସାକ୍ଷର ହୋଇପାରିଛନ୍ତି । ଥାଇଲାଣ୍ଡର ଆଉ ଏକ ଉଲ୍ଲେଖନୀୟ ଅଗ୍ରଗତି ହେଲା, କମ୍ପ୍ୟୁଟର୍ ସାକ୍ଷରତା କ୍ଷେତ୍ରରେ ମୋଟ୍ ଉପରେ ସମସଂଖ୍ୟକ ପୁରୁଷ ଓ ମହିଳା ଯୋଗ୍ୟତା ହାସଲ କରିଛନ୍ତି, କିନ୍ତୁ ୧୫-୨୪ବର୍ଷ ବୟସର କମ୍ପୁଟର-ଶିକ୍ଷିତ ଯୁବଗୋଷ୍ଠୀ ଭିତରେ ଝିଅମାନେ ହେଉଛନ୍ତି ଶତକଡା ୫୩.୫ ଏବଂ ପୁଅମାନେ ମାତ୍ର ଶତକଡା ୪୬.୫ ।

**ସମଲିଙ୍ଗୀ ଯୌନ ଅଧିକାର**

ସମସ୍ତେ ଜାଣନ୍ତି, ଭାରତୀୟ ଦଣ୍ଡ ସଂହିତା ୧୮୬୦ର ଧାରା ୩୭୭ରେ ଯେଉଁସବୁ ଅପ୍ରାକୃତିକ ଯୌନସଂପର୍କକୁ ଏକ ଗୁରୁତର, ଧର୍ତ୍ତବ୍ୟ, ଜାମିନ୍-ବିହୀନ ଓ ରଫା-ବହିର୍ଭୁତ ଅପରାଧ ତଥା ସେଥିପାଇଁ ଜୋରିମାନା ସହିତ ଆଜୀବନ ବା ସ୍ଥଳ ବିଶେଷରେ ଦଶବର୍ଷ ଜେଲ୍‌ଦଣ୍ଡର ବ୍ୟବସ୍ଥା ରହିଛି, ତା ଭିତରେ ସମଲିଙ୍ଗୀ ଯୌନସଂପର୍କ ଅନ୍ୟତମ । ଏହି କାରଣରୁ ଆମ ସମାଜର ଗୋଟିଏ ଗୋଷ୍ଠୀ ସଂପୂର୍ଣ୍ଣ ଭାବେ ସଭ୍ୟମାନବର ପଦବାଚ୍ୟ ହେଲେ ହେଁ ଏପର୍ଯ୍ୟନ୍ତ ସେମାନେ ନାଗରିକ ଅଧିକାର ପାଇନପାରି, କହିବାକୁ ଗଲେ ଗୋଟିଏ ପ୍ରକାର ଅଣ୍ଡରଗ୍ରାଉଣ୍ଡ ଜୀବନଶୈଳୀ ଭିତରେ ନିଜକୁ ଆବଦ୍ଧ କରିରଖିଛନ୍ତି । ଏବେ ନିକଟରେ ଦିଲ୍ଲୀ ହାଇକୋର୍ଟ ସମଲିଙ୍ଗୀ ଯୌନସଂପର୍କକୁ ଏକ ସ୍ୱାଭାବିକ ଓ ନିରାପଦ ମାନବୀୟ ସଂପର୍କ ଏବଂ ଏହାକୁ ଅପରାଧ ବୋଲି ମନେ କରିବା ସମ୍ବିଧାନରେ ପ୍ରଦତ୍ତ ମୌଳିକ ଅଧିକାରର ଉଲ୍ଲଂଘନ ବୋଲି ତାଙ୍କ ରାୟରେ ଦର୍ଶାଇବା ନିଶ୍ଚିତ ରୂପେ ଏକ ଆଶ୍ୱାସନାର କଥା । କିନ୍ତୁ ଦିଲ୍ଲୀ ହାଇକୋର୍ଟଙ୍କ ଏହି ଯୁଗାନ୍ତକାରୀ ରାୟ ବିରୁଦ୍ଧରେ ସୁପ୍ରିମ୍ କୋର୍ଟରେ ହିନ୍ଦୁ ମୌଳବାଦୀମାନଙ୍କ ତରଫରୁ ଅପିଲ୍ କରାଯାଇଛି । ସୁତରାଂ ଏ ବିଷୟରେ ଆଇନ୍‌ଗତ ସ୍ଥିତି ଏବେବି ଅସ୍ୱଷ୍ଟ ରହିଛି । ଅଥଚ ଅନ୍ୟ ପକ୍ଷରେ ଆମେ ଲକ୍ଷ୍ୟ କରୁଁ, ଥାଇଲାଣ୍ଡ ଏକ ଧର୍ମତାନ୍ତ୍ରିକ (ବୌଦ୍ଧ) ରାଜତନ୍ତ୍ର ଏବଂ ଏହାର ରାଜା (ରାମ-୯)ଜଣେ ହିନ୍ଦୁ ହୋଇଥିବା ସ୍ଥଳେ, ସେ ଦେଶରେ ୧୯୫୬ରେ ପ୍ରଥମେ ତଥାକଥିତ ଅପ୍ରାକୃତିକ ଯୌନସଂପର୍କକୁ ଆଇନ୍-ସଂଗତ କରାଗଲା, ୨୦୦୨ରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଘୋଷଣା କଲେ ଯେ, ସମଲିଙ୍ଗୀ ଯୌନସଂପର୍କକୁ ଏକ ବିକୃତି ବା ରୁଗ୍‌ଣତା ବୋଲି କୁହାଯାଇ ପାରିବନାହିଁ , ଏବଂ ୨୦୦୫ ମସିହା ଠାରୁ ସମଲିଙ୍ଗୀ ବ୍ୟକ୍ତିମାନେ ସାମରିକ ବାହିନୀରେ ଯୋଗଦେଇ ଆସୁଛନ୍ତି । ବର୍ତ୍ତମାନ ଥାଇଲାଣ୍ଡରେ ଶହଶହ ସମଲିଙ୍ଗୀ କ୍ଲବ୍ ଓ ସଂଗଠନ ଆଇନ୍ ସଂଗତ ଢଙ୍ଗରେ କାର୍ଯ୍ୟ କରୁଛି ଏବଂ ସେମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହୋଇ ସାରିଛନ୍ତି । ବ୍ୟାଙ୍କକ୍ ଓ ପଟାୟାରେ ଦୈନିକ ଯେଉଁ ବିଶ୍ୱ ପ୍ରସିଦ୍ଧ ରାତ୍ରକାଳୀନ ଆଲକାଜର୍ ନୃତ୍ୟ-ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥାଏ, ତାହା ମୂଳତଃ ସମଲିଙ୍ଗୀ କଳାକାରମାନଙ୍କ ଦ୍ୱାରା ପରିବେଷିତ ହୋଇଥାଏ । ଏଭଳି ଏକ କାର୍ଯ୍ୟକ୍ରମ ଆମେ ପଟ୍ଟାୟାରେ ଉପଭୋଗ କରିଥିଲୁ ଏବଂ ସେଠି ବିଭିନ୍ନ ଦେଶର ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ହିନ୍ଦୀ ଫିଲ୍ମ 'ମିଶନ୍ କାଶ୍ମୀର'ର 'ଭୁମରୋ ଭୁମ୍‌ରୋ' ନୃତ୍ୟକୁ ସେମାନେ ବେଶ୍ ଚିତ୍ତାକର୍ଷକ ଭାବେ ପରିବେଷଣ କରିଥିଲେ ।

**ଧାର୍ମିକ ଭାଇଚାରାର ଦେଶ**

ପୂର୍ବରୁ ସୂଚୀତ ହୋଇଛି, ଥାଇଲାଣ୍ଡର ରାଷ୍ଟ୍ରୀୟ ଧର୍ମ ହେଉଛି ବୌଦ୍ଧ ଧର୍ମ (ଥେରାବାଦ ବା ହୀନଯାନ ପନ୍ଥୀ) ଏବଂ ସମଗ୍ର ଜନସଂଖ୍ୟାର ଶତକଡା ୯୫ ହେଉଛନ୍ତି ବୌଦ୍ଧ, ଯଦିଓ ରାଜା ରାମ ହେଉଛନ୍ତି ହିନ୍ଦୁ ବଂଶୋଦ୍ଭବ ଏବଂ ରାଜପ୍ରାସାଦ ହିନ୍ଦୁ ପରମ୍ପରା ଅନୁଯାୟୀ ପରିଚାଳିତ । ଶତକଡା ୪ ଭାଗ ମୁସ୍‌ଲିମ୍, ଶତକଡା ୦.୫ ଖ୍ରୀଷ୍ଟିୟାନ୍ ଏବଂ ବାକୀ ଶତକଡା ୦.୫ ହେଉଛନ୍ତି ହିନ୍ଦୁ, ଶିଖ୍ ଏବଂ ଅନ୍ୟାନ୍ୟ ଧର୍ମାବଲମ୍ବୀ । କିନ୍ତୁ ଭାରତରେ ଯେମିତି ଗୋଟିଏ ଧର୍ମର ଉପାସନାସ୍ଥଳକୁ ଅନ୍ୟ ଧର୍ମାବଲମ୍ବୀମାନଙ୍କର ପ୍ରବେଶ ଉପରେ କଟକଣା ଅଛି, ଯଥା ପୁରୀର ଜଗନ୍ନାଥ ମନ୍ଦିର, ଥାଇଲାଣ୍ଡରେ ସେମିତି କୌଣସି କଟକଣା ଆମର ଦୃଷ୍ଟିଗୋଚର ହୋଇନାହିଁ । ଆମେ ବ୍ୟାଙ୍କକ୍‌ର ଓ୍ୱାଟ୍-ଫୋ ଠାରେ ଥିବା ସୁବିଶାଳ ବୌଦ୍ଧ ମନ୍ଦିରମାଳାକୁ ଯାଇ ସୁପ୍ରସିଦ୍ଧ 'ବିରାମ ମୁଦ୍ରାରେ ବୁଦ୍ଧ' ସହିତ ଅନ୍ୟାନ୍ୟ ବୌଦ୍ଧ ମୂର୍ତ୍ତୀଗୁଡିକ ଦେଖିଥିଲୁ । ଥାଇଲାଣ୍ଡ ଭାରତ ଭଳି ଏକ ପ୍ରାଚୀନ ସଭ୍ୟତା ଏବଂ ବିଭିନ୍ନ ଧର୍ମ ଓ ସଂସ୍କୃତିର ଦେଶ, କିନ୍ତୁ ବିସ୍ମିତ ହେବାକୁ ପଡେ, ଏହାର ସୁଦୀର୍ଘ ଇତିହାସରେ ଧାର୍ମିକ ବା ସାଂପ୍ରଦାୟିକ ହିଂସାର କୌଣସି ନଜିର୍ ନାହିଁ । ଯଦିଓ ଗୋରୁମାଂସ ଓ ଘୁଷୁରି ମାଂସ ଚାରିଆଡେ ଖୋଲାଖୋଲି କରବାର କରାଯାଉଛି, ସେଠାକାର ହିନ୍ଦୁ କି ମୁସ୍‌ଲିମ୍ ଲୋକମାନଙ୍କ ଠାରୁ ଏହାକୁ ନେଇ କୌଣସି ଅସନ୍ତୋଷର ଗୁଞ୍ଜରଣ ନାହିଁ । ସାଧାରଣ ଲୋକମାନଙ୍କ ସହ କଥାବାର୍ତ୍ତାରୁ ସାଂପ୍ରଦାୟିକତାର କୌଣସି ସୁରାକ୍ ମିଳିବ ନାହିଁ । ପ୍ରତି ଧର୍ମର ଲୋକେ ନିଜର ଅସ୍ମିତା ବଜାୟ ରଖିବା ସହିତ ଅନ୍ୟ ଧର୍ମର ଲୋକମାନଙ୍କ ସହ ମିଳିମିଶି ଚଳିବାର ସଂସ୍କୃତି ସମସ୍ତଙ୍କର ଅସ୍ଥିମଜ୍ଜାଗତ ହୋଇଯାଇଛି । ବୋଧହୁଏ ଶହଶହ ବର୍ଷ ଧରି ଉଭୟ ରାଜା ଏବଂ ରାଷ୍ଟ୍ର ତରଫରୁ କୌଣସି ବ୍ୟକ୍ତି ବା ଗୋଷ୍ଠୀ ପ୍ରତି ଧର୍ମ ଭିତ୍ତିରେ ବାଛବିଚାର କରାଯାଇ ନଥିବାରୁ ସେଠାରେ ଧାର୍ମିକ ସହାବସ୍ଥାନ ଓ ସଦ୍‌ଭାବର ଏଭଳି ଏକ ନିଖୁଣ ପରମ୍ପରା ସେଠାକାର ସାମାଜିକ ଜନଜୀବନ ସହିତ ଅଙ୍ଗୀଭୂତ ହୋଇପାରିଛି । ଯାହା ହେଉନା କାହିଁକି, ଭାରତକୁ ଅନ୍ୱେଷଣ କରିବାକୁ ପଡିବ, କିପରି ଥାଇଲାଣ୍ଡ ଭଳି ଏଠାକାର ବହୁଧର୍ମ, ବହୁଭାଷା ଏବଂ ବହୁ-ସଂସ୍କୃତିର ସମାଜ-ଜୀବନରେ ସାଂପ୍ରଦାୟିକ ସଂପ୍ରୀତିକୁ ଅତୁଟ ରଖିହେବ ।

**Chitta Behera, 4A Jubilee Tower, Choudhury Bazar, Cuttack-9, Mobile- 9437577546, 5th Oct. 2009**